# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଜୁଲାଇ-୨୦୨୧ JULY - 2021


## ଶ୍ରୀବିଗ୍ରହମାନଙ୍କର ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରା

ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିରରେ ପାଳନ କରାଯାଉଥିବା 'ଦ୍ୱାଦଶ ଯାତ୍ରା' ମଧ୍ୟରେ ଶ୍ରୀଗୁଣ୍ଡିଚା ଯାତ୍ରା ବା ରଥଯାତ୍ରା ସର୍ବଶ୍ରେଷ୍ଠ । ପ୍ରତିବର୍ଷ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଭକ୍ତ ବତ୍ସଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୁଏ । ସାର୍ବଜନୀନ ଏହି ଯାତ୍ରା- ଘୋଷ ଯାତ୍ରା, ମହାବେଦୀ ଯାତ୍ରା, ପତିତପାବନ ଯାତ୍ରା, ଆଡ଼ପମଣ୍ଡପ ଯାତ୍ରା, ନବଦିନାତ୍ମକ ଯାତ୍ରା ଓ ଜନକପୁରୀ ଯାତ୍ରା ଆଦି ନାମରେ ପ୍ରସିଦ୍ଧି ଲାଭ କରିଅଛି । ରଥ ଉପରେ ବାମନ ସ୍ୱରୂପ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କଲେ, ମନୁଷ୍ୟ ଜନ୍ମରୁ ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି ।



ଏହି ପରିପ୍ରେକ୍ଷୀରେ ତା ୧୨.୭.୨୧ ରିଖ ସୋମବାର ଦିନ ଶ୍ରୀକ୍ଷେତ୍ରରେ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଦିନ ପ୍ରାତଃ କାଳରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ ହୋଇ ଗୋପାଳବଲ୍ଲଭ ଓ ସକାଳଧୂପ (ଖେଚୁଡ଼ି ଭୋଗ) ନୀତି ଅନୁଷ୍ଠିତ ହୋଇଥିଲା । ଇତ୍ୟବସରରେ ରଥ ପ୍ରତିଷ୍ଠା କାର୍ଯ୍ୟକ୍ରମ ମଧ୍ୟ ଶେଷ ହୋଇଥିଲା । ଏହାପରେ ମଙ୍ଗଳାର୍ପଣ ହୋଇ ସକାଳ ୭ ଘଟିକା ସମୟରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଧାଡ଼ି ପହଣ୍ଡିରେ ସର୍ବପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥ ସ୍ୱ ସ୍ୱ ରଥରେ ରଥାରୂଢ଼ ହେବାପରେ ରାମକୃଷ୍ଣ ଓ ମଦନମୋହନ ରଥ ଉପରକୁ ବିଜେ କରିଥିଲେ । ଏହାପରେ ଶ୍ରୀବିଗ୍ରହମାନଙ୍କୁ ଚିତାଲାଗି ଓ ବେଶ କରାଯାଇଥିଲା । ତତ୍‌ପରେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହଦେବ ରୂପା ଖଚିତ ତାମଜାନରେ ପଟୁଆରରେ ବିଜେକରି ୧୧ ଘଟିକା ରୁ ଘ. ୧୧.୫୦ମି. ସମୟ ମଧ୍ୟରେ ରଥାରୂଢ଼ ବିଗ୍ରହମାନଙ୍କର ପାରମ୍ପରିକ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ । ପରେ ରଥରୁ ଚାରମାଳ ଫିଟାଯାଇ ଘୋଡ଼ା ଯୋଚା ଯାଇଥିଲା । ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଘ. ୧୨.୦୫ମି. ସମୟରେ ଟଣା ଆରମ୍ଭ ହୋଇଥିଲା । ପରେ ପରେ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଘ. ୧.୦୫ମି. ସମୟରେ ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଘ. ୧.୫୦ମି. ସମୟରେ ଟଣା ଯାଇଥିଲା । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ତିନୋଟି ରଥ ଅପରାହ୍ଣ ଘ.୫.୩୫ମି. ସୁଦ୍ଧା ଶ୍ରୀଗୁଣ୍ଡିଚା ଠାରେ ପହଞ୍ଚିଥିଲେ । ତା ୧୩.୭.୨୧ ରିଖ ମଙ୍ଗଳବାର ଦିନ ସକାଳେ ରଥ ଉପରେ ଆନୁସଙ୍ଗିକ ନୀତି, ସମ୍ପାଦନ ପରେ, ରଥ ଉପରେ ସଂଧ୍ୟା ଧୂପ ନୀତି ଶେଷ ହୋଇ ଶ୍ରୀବିଗ୍ରହମାନେ ଘ. ୫.୩୫ମି. ସମୟରେ ଗୋଟି ପହଣ୍ଡିରେ ଶ୍ରୀଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ କରିଥିଲେ ।

ହେରାପଞ୍ଚମୀ ପୂର୍ବଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟାହ୍ନ ଧୂପ ଶେଷ ହେବା ପରେ ପରଂପରା ଅନୁଯାୟୀ ଆଡ଼ପ ମଣ୍ଡପରେ ଶ୍ରୀବିଗ୍ରହମାନଙ୍କର ବନକ ଲାଗି ନୀତି ଅନୁଷ୍ଠିତ ହୋଇଥିଲା । ହେରାପଞ୍ଚମୀ ଦିନ ମା' ଲକ୍ଷ୍ମୀ ଠାକୁରାଣୀ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ । ତତ୍‌ପରଦିନ ଶ୍ରୀଗୁଣ୍ଡିଚା ଘରେ ସକାଳଧୂପ ଶେଷ ହେବା ପରେ ଆଜ୍ଞାମାଳ ରଥକୁ ବିଜେ ହୋଇଥିଲା । ଏହାପରେ ୩ ରଥର ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ରଥ ଲାଗିଥିଲା । ଗୋଟିଏ ଦିନରେ ତିନି ରଥର ଦକ୍ଷିଣମୋଡ଼ ହୋଇପାରିଥିଲା । ବାହୁଡ଼ା ଯାତ୍ରା ଦିନ ସକାଳ ଘ.୭.୪୦ମି. ସମୟରେ ବାହୁଡ଼ା ପହଣ୍ଡି ବିଜେ ଆରମ୍ଭ ହୋଇଥିଲା । ଘ.୧୦.୨୦ମି. ସୁଦ୍ଧା ପହଣ୍ଡି ଶେଷ ହେବା ପରେ ଗଜପତି ମହାରାଜା ବିଜେ କରି ରଥ ଉପରେ ଛେରାପହଁରା ନୀତି ସମାପନ କରିଥିଲେ । ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ଦିବା ଘ.୧୨.୨୦ମି.ରେ ରଥ ଟଣା ଆରମ୍ଭ ହୋଇ ଏହିଦିନ ତିନିରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ । ପରଦିନ ରଥ ଉପରେ ଶ୍ରୀବିଗ୍ରହମାନଙ୍କର ସୁନାବେଶ ମଧ୍ୟ ସଅଳ ଅନୁଷ୍ଠିତ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ କୋଭିଡ୍ କଟକଣା ଯୋଗୁଁ ବିଗତ ବର୍ଷ ରଥଯାତ୍ରାର ଅଭିଜ୍ଞତା, ଅନୁଭୂତି ଓ ପୁରୀବାସୀଙ୍କ ଅକୁଣ୍ଠ ସମର୍ଥନ ଓ ସହଯୋଗକୁ ପାଥେୟ କରି ଶ୍ରୀମନ୍ଦିର ପ୍ରଶାସନ ଚଳିତ ରଥ ଯାତ୍ରାକୁ ମହାପ୍ରଭୁଙ୍କ ଆଶୀର୍ବାଦରୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିପାରିଛି । ବିଶେଷ କରି ଶ୍ରୀମନ୍ଦିର ସେବକମାନଙ୍କର କର୍ତ୍ତବ୍ୟପରାୟଣତା ଏବଂ ନିଷ୍ଠାପର ମନୋଭାବ ଯୋଗୁଁ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମ୍ପନ୍ନ ହୋଇପାରିଛି । ଏହି ଅଭୂତପୂର୍ବ ସଫଳତା ପାଇଁ ଶ୍ରୀମନ୍ଦିରର ସମସ୍ତ ସେବକବୃନ୍ଦ, ସେବକ ନିଯୋଗ, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ, ପୋଲିସ୍ ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିବୃନ୍ଦଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ଅନେକ ଅନେକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀନଅରକୁ ରାଜପ୍ରସାଦ ବିଜେ :

ତା. ୬.୭.୨୧ରିଖ ମଙ୍ଗଳବାର ଦିନ ଭୋଗମଣ୍ଡପ ସରିଲା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର ଫିଟିଥିଲା । ପୂର୍ବ ପରମ୍ପରା ପ୍ରକାରେ ରୂପା ଥାଳିମାନ ଭଣ୍ଡାର ମେକାପ ଯୋଗାଇଥିଲେ । ଘଙ୍ଗଡ଼ା



ମେକାପ ପାଟକନା ଯୋଗାଇବା ପରେ ଦଇତାପତିମାନେ ତାହାକୁ ନେଇ ଥାଳିରେ ଉକ୍ତ କନାକୁ ପକାଇ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ ଓ ପାଟଡୋରକୁ ନେଇ ଘଣ୍ଟଛତା କାହାଳୀ ପଟୁଆରରେ ରାଜବାଟି ଅଭିମୁଖେ ଯାତ୍ରା କରି ସେଠାରେ ପଡ଼ିଥିବା ପାହାଡ଼ା ଉପରେ ବାଡ଼ ବାଡ଼ କରି ରଖିଥିଲେ ।

## ଶ୍ରୀମନ୍ଦିରରେ ହେରାପଞ୍ଚମୀ :

ତା.୧୬.୭.୨୧ରିଖ ଶୁକ୍ରବାର ଦିନ ହେରାପଞ୍ଚମୀ ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ମଧ୍ୟାହ୍ନ ଧୂପ ସରିଲା ପରେ ମଇଲମ ହୋଇ ଶାଢ଼ି ଖଣ୍ଡୁଆ ଲାଗି ହୋଇ ସଂଧ୍ୟା ଆଳତି ହୋଇଥିଲା । ଏହାପରେ ମହାପ୍ରଭୁଙ୍କ ବାଡ଼ରେ ମହାସ୍ନାନ ହୋଇ ତିନିବାଡ଼ରେ ସର୍ବାଙ୍ଗ ନୀତି ବଢ଼ି ନୂଆ ଲୁଗା ଲାଗି ଏବଂ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । ଅପରପକ୍ଷରେ ଶ୍ରୀମନ୍ଦିରରେ ଭଣ୍ଡାର ଘର ନିକଟରେ ମହାଲକ୍ଷ୍ମୀଙ୍କର ମାଜଣା, ବନକ




ଲାଗି ନୀତି ସରିଲା ପରେ ପାଟଶାଢ଼ୀ ଓ ଅଳଙ୍କାର ଲାଗି ହୋଇ ଠାକୁରାଣୀ ବିମାନକୁ ବିଜେ କରିଥିଲେ । ଶ୍ରୀମନ୍ଦିରରୁ ବଡ଼ଦାଣ୍ଡ ଦେଇ ଗୁଣ୍ଡିଚାଘର ନିକଟରେ ଥିବା ମହାପ୍ରଭୁଙ୍କ ରଥ ନିକଟରେ ବିଜେ ହୋଇଥିଲେ । ସେଠାରେ ପତିମହାପାତ୍ରଙ୍କ ଦ୍ୱାରା ପ୍ରସାଦ ଲାଗି, ବନ୍ଦାପନା ଓ ଚାମର, ଆଲଟ ଲାଗି ନୀତି ହୋଇଥିଲା । ରଥ ନିକଟରୁ ଶ୍ରୀଗୁଣ୍ଡିଚା ମନ୍ଦିର ଜଗମୋହନକୁ ଠାକୁରାଣୀ ବିଜେ ହୁଅନ୍ତେ ମହାପ୍ରଭୁଙ୍କ ବାଡ଼ରୁ ଆଜ୍ଞାମାଳ ପାଇବା ପରେ ସଂଧ୍ୟାଧୂପ ଟେରା ପଡ଼ିଯାଇଥିଲା । ଏହିଠାରୁ ମହାଲକ୍ଷ୍ମୀ ରୋଷ ହୋଇ ନାକଚଣା ଦ୍ୱାର ନିକଟରେ ବିଜେ ହୋଇଥିଲେ । ଏଠାରେ ଭିତରଚ୍ଛ ମହାପାତ୍ରଙ୍କ ଦ୍ୱାରା ବନ୍ଦାପନା ଓ ଦହିପତି ମଣୋହି ନୀତି ହୋଇଥିଲା । ଏହାପରେ ରଥ ନିକଟକୁ ଯାଇ ସେଠାରୁ ହେରାଗୋହିରୀ ସାହି ଦେଇ ବାହୁଡ଼ା ବିଜେ କରିଥିଲେ । ସୂଚନାଯୋଗ୍ୟ ଯେ ହେରାପଞ୍ଚମୀ ପରଦିନ ସକାଳ ଧୂପ ସରିଲେ ରଥ ଦକ୍ଷିଣମୋଡ଼ ନିମନ୍ତେ ଆଜ୍ଞାମାଳ ଦିଆଯାଇଥାଏ ଏବଂ ସଂଧ୍ୟାଧୂପ ସରିଲେ ରାହାସ ନୀତି ଅନୁଷ୍ଠିତ ହୋଇଥାଏ ।

## ରଥ ଉପରେ ଶ୍ରୀବିଗ୍ରହମାନଙ୍କ ସୁନାବେଶ:

ବାହୁଡ଼ା ଯାତ୍ରା ପରଦିନ ତା. ୨୧.୭.୨୧ ରିଖ ବୁଧବାର ଦିନ ରଥ ଉପରେ ଶ୍ରୀବିଗ୍ରହମାନଙ୍କର ବଡ଼ ତଡ଼ାଉ ବେଶ ବା ସୁନାବେଶ ଅନୁଷ୍ଠିତ ହୋଇଥିଲା । ରଥ ଉପରେ ମଧ୍ୟାହ୍ନ ଧୂପ ନୀତି ହେବା ପରେ ମେକାପ ସର୍ବାଙ୍ଗ ହୋଇ ସୁନାବେଶ ସାମଗ୍ରୀମାନ ରଥ ଉପରକୁ ଅଣାଯାଇଥିଲା । ଅପରାହ୍ନ ଘ.୫.୪୦ମି. ସମୟରେ ବେଶ ଶେଷ ହୋଇଥିଲା ।

## ରଥ ଉପରେ ଶ୍ରୀବିଗ୍ରହମାନଙ୍କ ଅଧରପଣା ନୀତି:

ତା. ୨୨.୭.୨୧ ରିଖ ଗୁରୁବାର ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ଅଧରପଣା ପାଇଁ ପ୍ରସ୍ତୁତ ଆରମ୍ଭ ହୋଇଥିଲା । ପ୍ରଥମେ ସିଂହଦ୍ୱାରସ୍ଥ କୂପରୁ ପାଣିଆପଟ ପାଣିଆଣି ରଥ ଉପରେ ରଖିଥିଲେ । ଏହାପରେ ବଡ଼ବାଡ଼ ଅଧର ସମ୍ମୁଖରେ ଭିତରଚ୍ଛ, ମହାପ୍ରଭୁଙ୍କ ବାଡ଼ରେ ତଳିଚ୍ଛ ଏବଂ ମଝିବାଡ଼ରେ ପାଳିଆ ପୁଷ୍ପାଳକ ତିନିଖଣ୍ଡ ନୂଆ ବସ୍ତ୍ର ଧରିଥିଲେ । ଅଧରକୁ ଛୁଉଁଥିବା



ହାଣ୍ଡିମାନ ଆସି ରଖାଯିବା ପରେ ପାଳିଆ ମହାସୁଆର ଦ୍ରବ୍ୟମାନ ନେଇ ଅଧରପଣା ପ୍ରସ୍ତୁତ କରିଥିଲେ । ଏହାକୁ ରାଘବଦାସ ମଠ, ଓଡ଼ିଆମଠ ଏବଂ ଷ୍ଟେଟ ଯୋଗାଇଥିଲେ । କ୍ଷୀର, ଛେନା, ସାକର ପ୍ରଭୃତି ଦ୍ରବ୍ୟମାନଙ୍କ ଦ୍ୱାରା ଅଧରପଣା ପ୍ରସ୍ତୁତ ହୋଇଥିଲା । ତିନି ରଥର ପାଳିଆ ପୂଜାପଣ୍ଡା ଆସି ପଞ୍ଚୋପଚାରରେ ଭୋଗ ସରିଲା ପରେ ଉକ୍ତ ହାଣ୍ଡିଗୁଡ଼ିକୁ ଭାଙ୍ଗି ଦିଆଯାଇଥିଲା । ପରେ ପାଣିପଡ଼ି ମୈଲମ ବଢ଼ି ମହାସ୍ନାନ ହୋଇଥିଲା । ମହାସ୍ନାନ ବଢ଼ିଲା ପରେ ମୈଲମ, ବେଶ ହୋଇ ସନ୍ଧ୍ୟାଆଳତି ବଢ଼ି ଅନ୍ୟାନ୍ୟ ନୀତିମାନ ସମାପନ ହୋଇଥିଲା ।

## ରଥାରୂଢ଼ ଶ୍ରୀବିଗ୍ରହମାନଙ୍କ ନୀଳାଦ୍ରି ବିଜେ :

ତା ୨୩.୭.୨୧ ରିଖ ଶୁକ୍ରବାର ଦିନ ନୀଳାଦ୍ରି ବିଜେ ଅବସରରେ ଦୈନନ୍ଦିନ ନୀତି ପରି ମଙ୍ଗଳା ଆଳତି ଠାରୁ ସନ୍ଧ୍ୟାଧୂପ ପର୍ଯ୍ୟନ୍ତ ନୀତି ସମାପନ ହୋଇଥିଲା । ସନ୍ଧ୍ୟାଧୂପ ସରିଲା ପରେ ଚାରବନ୍ଧା ସମାପନ ହୋଇଥିଲା । ପରେ ମୁଦିରସ୍ତ ପୁଷ୍ପାଞ୍ଜଳୀ, ଡୋରଲାଗି କଲାପରେ କାହାଳିଆ ବିଜେ କାହାଳୀ ବଜାଇଥିଲେ । ଏହାପରେ ଘଣ୍ଟ, ମର୍ଦ୍ଦଳ ପଟୁଆର ମଧ୍ୟରେ ପ୍ରଥମେ ରାମକୃଷ୍ଣ, ମଦନମୋହନ, ମହାଜନ ସେବକମାନଙ୍କ ଦ୍ୱାରା ବାହୁଡ଼ା ବିଜେ କରିଥିଲେ । ଏହାପରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଦେବୀ ଗୋଟି ପହଣ୍ଡିରେ ଯାଇ ସିଂହାସନରେ



ଅଧିଷ୍ଠିତ ହୋଇସାରିଲା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଚାର ଉପରକୁ ଆସିଥିଲେ । ମହାପ୍ରଭୁ ଚାର ଉପରକୁ ଆସିଲାପରେ ରୋଷ ପରିସରରେ ଥିବା ଚାହାଣି ମଣ୍ଡପକୁ ମା' ଲକ୍ଷ୍ମୀ ଆସି ମହାପ୍ରଭୁଙ୍କୁ ଚାହାଣି କରିବାରେ ବନ୍ଦାପନା ନୀତି ଉଭୟ ସ୍ଥାନରେ ସମାନ୍ତରାଳ ଭାବେ ଅନୁଷ୍ଠିତ ହୋଇଥିଲା । ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ପତିମହାପାତ୍ର ଏବଂ ମହାଲକ୍ଷ୍ମୀଙ୍କ ନିକଟରେ ଭିତରଚ୍ଛ ମହାପାତ୍ର ଯଥାକ୍ରମେ- କର୍ପୂର ଆଳତି, ଅକ୍ଷତ ବନ୍ଦାପନା, ବଳିତା ଆଳତି, ଘସା ଜଳ ଲାଗି ପରେ ଓ ଲକ୍ଷ୍ମୀ ବାହୁଡ଼ିଯିବା ପରେ ମହାପ୍ରଭୁ ଚାର ତଳକୁ ଓହ୍ଲାଇଥିଲେ । ଜୟବିଜୟ ଦ୍ୱାରା ଠାରେ ପହଞ୍ଚିବା ପରେ ବଚନିକା ଅନୁଷ୍ଠିତ ହୋଇ ରସଗୋଲା ଭୋଗ ପରେ ମହାପ୍ରଭୁ ଭିତରକୁ ବିଜେ ହୁଅନ୍ତେ ବିବାହ ଗଇଁଠାଳ ଫିଟିବା ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନାରୂଢ଼ ହୋଇଥିଲେ ।

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଶ୍ରୀବିଗ୍ରହମାନଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ

ଆଷାଢ଼ ବରଷାର ଆଦ୍ୟ ପରଶ ସମୟରେ ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣମୀ ତିଥିରେ ମହାପ୍ରଭୁଙ୍କର ସ୍ନାନ ଯାତ୍ରା ଅନୁଷ୍ଠିତ ହୁଏ । ସ୍ନାନବେଦୀରେ ମହାପ୍ରଭୁ ଗଜାନନ ବେଶରେ ଦର୍ଶନ ଦେଇ ଭକ୍ତଗଣଙ୍କୁ କୃତାର୍ଥ କରିଥାଆନ୍ତି । ମହାପ୍ରଭୁଙ୍କ ଠାରେ ଭକ୍ତ ଗଣପତି ଭଟ୍ଟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପର ଠାରୁ ଏ ନୀତି ପାଳିତ ହୋଇ ଆସୁଅଛି । ଏହି ପରିପ୍ରେକ୍ଷୀରେ ତା. ୨୪.୬.୨୧ ରିଖ ଗୁରୁବାର ଦିନ ଶ୍ରୀମନ୍ଦିରର ସ୍ନାନବେଦୀରେ ସ୍ନାନଯାତ୍ରା ନୀତିମାନ ପାଳିତ ହୋଇଯାଇଛି । ସର୍ବପ୍ରଥମେ ମଙ୍ଗଳାର୍ପଣ, ଡୋରଲାଗି ଓ ପୁଷ୍ପାଞ୍ଜଳି ହେବାପରେ ଶ୍ରୀବିଗ୍ରହମାନଙ୍କ ପହଣ୍ଡି ଆରମ୍ଭ ହୋଇଥଲା । ଶ୍ରୀମନ୍ଦିର ରତ୍ନବେଦୀରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଧାଡ଼ି ପହଣ୍ଡିରେ ସାତପାହାଚ ଦେଇ ସ୍ନାନବେଦୀରେ ବିଜେ କରାଯାଇଥିଲା । ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥ ସ୍ନାନମଣ୍ଡପରେ ବିଜେ କରିଥିଲେ । ଏହାପରେ ଶ୍ରୀରାମକୃଷ୍ଣ ଓ ଶ୍ରୀମଦନମୋହନ ସ୍ନାନମଣ୍ଡପରେ ଅଧିଷ୍ଠିତ ହୋଇଥିଲେ । ଶ୍ରୀବିଗ୍ରହମାନେ ବିଜେ ହେବା ପରେ ସୁନାଗୋସେଇଁ ଓ ମୁଦିରସ୍ତ ଉତ୍ତର ଦ୍ୱାର ବାହାର ବେଢ଼ାସ୍ଥିତ ମା' ଶୀତଳା ମନ୍ଦିର ନିକଟସ୍ଥ 'ସୁନାକୂଅ'ରୁ ୧୦୮ ଗଡୁ ଜଳ ଆଣି ଅଧିବାସ ଘରେ ରଖିଥିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ୩୫ ଗଡୁ, ଶ୍ରୀବଳଭଦ୍ର ମହାପ୍ରଭୁଙ୍କୁ ୩୩ ଗଡୁ, ମା' ସୁଭଦ୍ରାଙ୍କୁ ୨୨ ଗଡୁ ଓ ଶ୍ରୀସୁଦର୍ଶନଙ୍କୁ ୧୮ ଗଡୁ ଜଳରେ ସ୍ନାନ କରାଯାଏ । ଘଟୁଆରୀ ଘରଠାରୁ ଚନ୍ଦନ, କର୍ପୂର, କେଶର ଓ ଚୁଆ ଆଣି ସେହି ଜଳରେ ମିଶାଇଥିଲେ । ଏହାପରେ ଦୈନନ୍ଦିନ ନୀତି ଭାବରେ ମଙ୍ଗଳ ଆଳତି, ମଇଲମ, ତଡ଼ପଲାଗି, ଅଧରପୋଛା, ଅବକାଶ, ବେଶଶେଷ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ନୀତିମାନ ଆରମ୍ଭ ହୋଇଥିଲା । ଇତ୍ୟବସରରେ ସ୍ନାନବେଦୀରେ ଶ୍ରୀମହାପ୍ରଭୁଙ୍କର 'ମହାର୍ଘ ସ୍ନାନ' ନୀତି ପାଇଁ ଜଳ ବିଜେ ନୀତି ଆରମ୍ଭ ହୋଇଥିଲା । ଗରାବଡୁ ସେବକମାନେ ଅଧିବାସ ଜଳକୁ ସ୍ନାନମଣ୍ଡପକୁ ବିଜେ କରାଇଥିଲେ । ଏହି ଜଳକୁ ପୂଜାପଣ୍ଡା ଷୋଡ଼ଶୋପଚାରରେ ପୂଜା କରିଥିଲେ । ପୂଜା ଶେଷ ହେବା ପରେ ଗରାବଡୁମାନେ ଗଡୁରେ ଥିବା ଜଳକୁ, ମେକାପ ଧରିଥିବା ରୂପା ପିଙ୍ଗଣରେ ଢ଼ାଳିବା ପରେ ପୂଜାପଣ୍ଡା ମେକାପଙ୍କ ଠାରୁ ରୂପା ପିଙ୍ଗଣରେ ଥିବା ଜଳକୁ ନେଇ ତିନି ବାଡ଼ରେ ଲାଗି କରିଥିଲେ । ସ୍ନାନବେଦୀରେ ମହାପ୍ରଭୁଙ୍କ ଦେବସ୍ନାନ ନୀତି ଶେଷ ହୋଇଥିଲା ।



ଶ୍ରୀବିଗ୍ରହମାନଙ୍କ ଜଳଲାଗି ପରେ ପାରମ୍ପରିକ ଭାବେ ଗଜପତି ମହାରାଜା ଶ୍ରୀଶ୍ରୀ ଦିବ୍ୟସିଂହଦେବଙ୍କ ଅନୁପସ୍ଥିତିରେ ମୁଦିରସ୍ତ ସେବକ ଶ୍ରୀ ନାରାୟଣ ମୁଦିରସ୍ତଙ୍କ ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଛେରାପହଁରା ସମ୍ପନ୍ନ କରାଯାଇଥିଲା ।

**ସ୍ନାନବେଦୀରେ ଶ୍ରୀବିଗ୍ରହମାନଙ୍କ ଗଜାନନ ବେଶ :** ସ୍ନାନପୂର୍ଣ୍ଣିମା ଅବସରରେ ସ୍ନାନବେଦୀରେ ଶ୍ରୀବିଗ୍ରହମାନଙ୍କୁ ଗଜାନନ (ହାତୀ) ବେଶରେ ସଜ୍ଜିତ କରାଯାଇଥିଲା । ରାଘବଦାସ ମଠ ଓ ଗୋପାଳତୀର୍ଥ ମଠ ତରଫରୁ ଏହି ବେଶ ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ଏହି ଦିନ ଏକମାତ୍ର ଅନ୍ନଭୋଗ ସକାଳଧୂପ ଶେଷ ହେବା ପରେ, ସର୍ବଶେଷରେ ଅପରାହ୍ଣ ୫ ଘଟିକା ସମୟରେ ଶ୍ରୀବିଗ୍ରହମାନଙ୍କର ଗୋଟି ପହଣ୍ଡି ଆରମ୍ଭ ହୋଇଥିଲା ଏବଂ ଶ୍ରୀବିଗ୍ରହମାନେ ଅଣସର ପିଣ୍ଡିକୁ ବିଜେ କରିଥିଲେ ।



ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁଁ ଭକ୍ତମାନେ ଶ୍ରୀବିଗ୍ରହମାନଙ୍କୁ ସ୍ନାନବେଦୀରେ ଦର୍ଶନ କରି ପାରିନଥିଲେ । ଏହି ଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାର, ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଡ଼ଃ. କେ.ଭି. ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ସେଠାରେ ଉପସ୍ଥିତ ରହି ନୀତି ସୁପରିଚାଳନା କରିଥିଲେ । ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସମୟାନୁବର୍ତ୍ତିତା ଅନୁସାରେ ସମ୍ପାଦିତ ହୋଇପାରିଥିବାରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ସମସ୍ତ ସେବକବୃନ୍ଦଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ଫଟୋରେ ଖବର ...




ତା. ୩.୭.୨୧ରେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ 'ଛତିଶା ନିଯୋଗ' ବୈଠକ ।



ତା. ୭.୭.୨୧ରେ ନୀଳାଦ୍ରି ଭକ୍ତ ନିବାସ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ କୁମାର ସେବକ ପରିବାରର ଛାତ୍ର-ଛାତ୍ରୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି ।


# ରଥଯାତ୍ରା - ୨୦୨୧











# ସ୍ୱଳ୍ପଲିପିରେ ଶ୍ରୀମନ୍ଦିର ନୀତି

### (୫୨) (ଛ) - ଭିତର ଚନ୍ଦନ ଓ ଜଳ କ୍ରୀଡ଼ା

ଏହି ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ, ସାବିତ୍ରୀ ଅମାବାସ୍ୟା ଓ ଶୀତଳ ଷଷ୍ଠୀ ଦିନ ହେବାର ନିୟମ ।

### ଜ୍ୟେଷ୍ଠ କୃଷ୍ଣ ଏକାଦଶୀ

ଏ ଦିନ ଦିବା ଆଲଟ ଲାଗି ଚନ୍ଦନ ଲାଗି ବଢ଼ିବା ପରେ ବେଶ ହୋଇ ପାଣି ପଡ଼ିବା ଉତ୍ତାରେ ଦକ୍ଷିଣ ଘର ଭୋଗ ସାରିବା ପରେ ଶ୍ରୀମଦନମୋହନ ଭିତରକୁ ବିଜେ କରିବେ । ଏ ଉତ୍ତାରୁ ପଣ୍ଡା ଆସି ପଞ୍ଚୋପଚାରରେ ପୂଜା କରି ଭୋଗ ମଣୋହି କରାଇବେ । ଭିତରେ ପାଣି ପଡ଼ିବା ଉତ୍ତାରେ ପଣ୍ଡା ମଦନମୋହନ ଓ ଲକ୍ଷ୍ମୀଙ୍କୁ ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ହାତରେ ବିଜେ କରାଇ ଆଣି ଝୁଲଣମଣ୍ଡପ ତଳ ପାଲିଙ୍କିରେ ବିଜେ କରାଇବେ । ବିମାନବଡୁମାନେ ପାଲିଙ୍କି ଜଳକ୍ରୀଡ଼ା ମଣ୍ଡପଠାକୁ ନେବେ । ଆଗରୁ ଜଳକ୍ରୀଡ଼ା କୁଣ୍ଡରେ ପାଣିଆପଟ ଘଗଡ଼ା ମେକାପଠାରୁ ନେଇଥିବା ଶ୍ରୀକାପଡ଼ାରେ ପାଣି ଛଣା କରି କୁଣ୍ଡ ପୂର୍ଣ୍ଣ କରି ରଖିଥିବ ଓ ସୁବାସ ଫୁଲମାଳ ପକାଇଥିବ । ମହାଜନେ ଦିଅଁଙ୍କୁ ପାଲିଙ୍କିରୁ ବିଜେ କରାଇ ଉକ୍ତ ଜଳ କୁଣ୍ଡରେ ବିଜେ କରାଇବେ । ଏଠାରେ ମୁଦିରସ୍ତେ ପ୍ରସାଦ ଲାଗି କରାଇବେ । ଚନ୍ଦନ ପାଣି ପିଚକାରୀ ହୋଇବା ପରେ ଠାକୁର ଜଳରେ ଥାଇ ଆସ୍ଥାନ ପଢ଼ିଆରୀ ମେକାପ ସରଘରଠାକୁ ପଣା ଭୋଗ ଡାକି ଯିବେ । ପଣା ଭୋଗ ଉଠିଲା ପରେ ରାଘବ ଦାସ ମଠର ଶୀତଳ ଭୋଗ ମହାସୁଆର ଛାମୁରେ ବାଢ଼ିଲା ପର ପଣ୍ଡା ଆସି ଏ ଭୋଗ ପଞ୍ଚୋପଚାର ପୂଜାରେ ମଣୋହି କରାଇବେ । ଭୋଗ ପରେ ଜଳରୁ ବାହାରି ଶ୍ରୀଅଙ୍ଗ ପୋଛା ହୋଇ ମୈଲମ ହୋଇ ମାଳଫୁଲ ଲାଗି ହୋଇ ବେଶ ହୋଇବେ ।



ଦିଅଁ ଜଳକ୍ରୀଡ଼ାକୁ ଗଲାପରେ ଭିତରେ ପାଣି ପଡ଼ି ଧୋ-ପଖାଳ ହୋଇବ । ଛେକ ଆସିଲେ ଦିଅଁ ଜଳ କ୍ରୀଡ଼ାରୁ ବାହୁଡ଼ା ବିଜେ ହୋଇ ଲକ୍ଷ୍ମୀ ଶ୍ରୀ ଅଙ୍ଗ ଲାଗି ହେବେ ଓ ମଦନମୋହନ ଦକ୍ଷିଣ ଘରକୁ ବିଜେ କରିବେ । ପଣ୍ଡା ଆସି ଏ ଧୂପ ଷୋଡ଼ଶୋପଚାରରେ ପୂଜାରେ ମଣୋହି କଲା ପରେ ଅନ୍ୟାନ୍ୟ ନୀତି ଚାଲିବ ।

### (୫୨) (କ) - ସାବିତ୍ରୀ ଅମାବାସ୍ୟା

ଏହି ଦିନ ମଧ୍ୟ ଏହିପରି ଜଳକ୍ରୀଡ଼ା ନୀତି ହେବ ।

### (୫୨) (ଛ) - ଜଳକ୍ରୀଡ଼ା

ଶୀତଳ ଷଷ୍ଠୀ ଦିନ ମଧ୍ୟ ଏହି ପରି ନୀତି ହେବ ।

### (୫୨) (ଛ) - ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ

ଏହି ଦିନ ଜଳକ୍ରୀଡ଼ା ନୀତି ହେବ, ମାତ୍ର ସେ ଦିନ ରୁକ୍ମଣୀ ହରଣ ହେତୁ ଲକ୍ଷ୍ମୀ ଓ ମଦନମୋହନ ବିଜେ ହେବେ ନାହିଁ । କେବଳ ଦୋଳଗୋବିନ୍ଦ ଠାକୁର ସେ ଦିନ ବିଜେ ହେବେ ।

### (୫୪) ଶୀତଳ ଷଷ୍ଠୀ

ଏହି ନୀତି ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଷଷ୍ଠୀ ଦିନ ହୁଏ । ଏ ଦିନ ସନ୍ଧ୍ୟା ଧୂପ ବଢ଼ିବା ପରେ ଦୋଳଗୋବିନ୍ଦ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଖଟ ଶେଯ ଘରେ ବିଜେ ହୋଇଥିବେ । ଏ ଉତ୍ତାରେ ଭିତର ମୈଲମ ହୋଇ ଆଲଟ ଲାଗି, ପଣା ଲାଗି ହୋଇ ଚନ୍ଦନ ଲାଗି ବଢ଼ି ବଡ଼ସିଂହାର ଭୋଗ ମଣୋହି ହୋଇବେ । ପାଞ୍ଚପାଣ୍ଡବ ମହାଦେବମାନେ ଆଜ୍ଞାମାଳ ପାଇନଥିବାରୁ ଠାକୁରଙ୍କ ପହୁଡ଼ ନୀତି ବନ୍ଦ ରହିବ । ଜଗମୋହନରେ ମହାଜନ ହାତରେ ବିଜେ ହୋଇଥିବା ମହାଦେବମାନଙ୍କୁ ପଣ୍ଡା ଶ୍ରୀଅଙ୍ଗରୁ ଆଣିଥିବା ଗୋଟା ଆଜ୍ଞାମାଳ ଦେବେ । ଏମାନେ ଲକ୍ଷ୍ମୀଙ୍କ ମନ୍ଦିରଠାକୁ ବିଜେ ହୋଇ ରୁନ୍ଧା ଫିଟାଇ ଜଗମୋହନରେ ପଡ଼ିଥିବା ଖଟ ଶେଯ ଉପରେ ବିଜେ ହେବେ । ଏହା ପରେ ମହାଜନେ ଖଟ ଶେଯ ଘରେ ଥିବା ଦୋଳଗୋବିନ୍ଦଙ୍କୁ ହାଜରେ ବିଜେ କରାଇ ଘଣ୍ଟା, ଛତା, କାହାଳୀ ସହ ମହାଦେବଙ୍କଠାକୁ ନେଇ ତାଙ୍କ ସହ ବସାଇବେ । ପାଣି ପଡ଼ି ପୂଜା ଠା ହୋଇ ଆସ୍ଥାନ ପ୍ରତିହାରୀ ମେକାପ ସରଘରଠାକୁ ଡାକିବା ଶୀତଳ ଭୋଗ ମହାସୁଆର ଛେକ ଆଣିଲେ ମୁଦିରସ୍ତ ପ୍ରସାଦ ଲାଗି କରିବେ ଓ ପୂଜାପଣ୍ଡା ପଞ୍ଚୋପଚାରରେ ୧୧ ପନ୍ତି ଭୋଗ କରନ୍ତି । ବନ୍ଦାପନା ହୋଇ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବାହୁଡ଼ା ବିଜେ ହେବେ ଓ ରାତ୍ର ଥିଲେ ପହୁଡ଼ ହେବେ । ତାପର ଦିନ ବଲ୍ଲଭ ସରିବା ପରେ ମହାଜନେ ପଞ୍ଚପାଣ୍ଡବଙ୍କୁ ନେଇ ନଗର ଉତ୍ସବ ଯାତ୍ରା କରିବେ । ମହାଦେବଙ୍କ ସେବକମାନେ ବୁଲାଇବେ ।

### (୫୫) ରାଜେନ୍ଦ୍ରାଭିଷେକ

ଏହି ନୀତି ଜ୍ୟେଷ୍ଠ ଶୁକ୍ଳ ଦଶମୀ ଦିନ ହୁଏ । ଏହି ଦିନ ସନ୍ଧ୍ୟା ଧୂପ ବଢ଼ିବା ପରେ ମଦନମୋହନ ଭିତରୁ ଆଜ୍ଞାମାଳ ପାଇ ଭୋଗ ବାଟ ଗଣେଶଙ୍କଠାରେ ପଡ଼ିଥିବା ଖଟ ଉପରେ ବିଜେ କରିବେ । ଏ ଉତ୍ତାରେ ଭିତର ଶୋଧ ହୋଇ ଜୟ-ବିଜୟ ଦ୍ୱାର ବନ୍ଦ ହୋଇ ଜଗମୋହନ ଅନ୍ଧକାର ହୋଇ ଭିତରେ ଆଲଟ ଲାଗି ହୋଇବ । ଜଣେ ଡଗର ଆସି ମଦନମୋହନଙ୍କଠାରେ ରୁକ୍ମିଣୀଙ୍କ ବିବାହ ପ୍ରସ୍ତାବ ଜଣାଇବେ ଓ ସ୍ୱୟଂ ମହାପ୍ରଭୁ ରାଜେନ୍ଦ୍ରାଭିଷେକ ହେବା ନିମନ୍ତେ କହିବେ । ପରେ ମହାଜନେ ଠାକୁରଙ୍କୁ ହାତରେ ବିଜେ କରାଇଆଣି ବଟମୂଳେ ଥିବା ରଥରେ ବିଜେ କରାଇବେ । ବିମାନ ବଡୁ ଆସି ଘଣ୍ଟ, ଛତା, କାହାଳୀ ସହ ବଡ଼ ଦେଉଳକୁ ବେଢ଼ାଏ ବୁଲି ବଟମୂଳେ ରଖିବେ । ପାଳିଆ ଖୁଣ୍ଟିଆ ରୂପା ପିଙ୍ଗଣ ଗୋଟାଏ ଆଣିଥିବ । ଗରାବଡୁ ସଙ୍ଗରେ ଥିବ । କୃତ କୌତୁକ ଋଷି (ଜଣେ ସେବକ) ଦଣ୍ଡ ପ୍ରଣାମ କରି ଦୟଣା ମାଳି ଦେଇଥିବା ଶୁକ୍ଳ ଫୁଲ ପାଳିଆ ଖୁଣ୍ଟିଆଠାରୁ ନେଇ ଆଞ୍ଜୁଳି କରି ରାସ୍ତା ଯାକ ଥରକୁ ଥର ଦଣ୍ଡ ପ୍ରଣାମ କରି ତାହାଙ୍କ ଆଶ୍ରମ (ଦକ୍ଷିଣ ଘର)କୁ ନେବେ । ଏଠାରେ ଖଟ ଉପରେ ବିଜେ କରିବା ଉତ୍ତାରେ ପଞ୍ଚାମୃତ ମହାସ୍ନାନ ହୋଇବେ । ଫୁଲ ଚନ୍ଦନ ଲାଗି ବେଶ ହୋଇବେ । ଏ ଉତ୍ତାରେ ଏହାଙ୍କ ଠାରେ ଶୀତଳ ଭୋଗ ମଣୋହି ହୋଇ କ୍ଷିରି, ଅମାଲୁ ଭୋଗ ହୋଇ ବନ୍ଦାପନା ବଢ଼ିବା ପରେ ଦକ୍ଷିଣ ଘରକୁ ବିଜେ କରିବେ ।

ଅଭିଷେକ ହେବା ସମୟରେ ଛତି ଟେକା ହୋଇଥିବ । ଘଣ୍ଟ, କହାଳୀ, ମହୁରୀ ବାଜୁଥିବ । ଅଭିଷେକ ବଢ଼ିବା ପରେ ଭିତରେ ପଣା ଭୋଗ ଓ ଅନ୍ୟାନ୍ୟ ନୀତି ହେବ ।●

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମହାପ୍ରଭୁଙ୍କର 'କେନ୍ଦୁଲି ଖଣ୍ଡୁଆ' କହିଲେ କ'ଣ ବୁଝାଯାଏ ?
ଉ - ଏହା ଶ୍ରୀଜୀଉଙ୍କର ଖଣ୍ଡୁଆ ପାଟବସ୍ତ୍ର ବିଶେଷ । କେନ୍ଦୁଲିରୁ ଏହା ଆସିଥାଏ ।

୨. ପ୍ର - ଶ୍ରୀବିଗ୍ରହଙ୍କର 'କେନ୍ଦୁଲି ଫେଟା' କହିଲେ କ'ଣ ବୁଝାଯାଏ ?
ଉ - ଏହା ନାଲି ରଙ୍ଗର ଏକ ପାଟ । ଜୟଦେବଙ୍କ ଜନ୍ମ ସ୍ଥାନ କେନ୍ଦୁବିଲ୍ୱ ବା କେନ୍ଦୁଲିରେ ନିର୍ମିତ ଏହି ଶାଢ଼ୀ ପ୍ରସିଦ୍ଧି ଲାଭ କରିଥିଲା । ଶ୍ରୀମନ୍ଦିରରେ ଠାକୁରଙ୍କ ଜନ୍ମ ବାରରେ କେନ୍ଦୁଲି ଫେଟା ଲାଗି ହୁଏ । ଶ୍ରୀଗୁଣ୍ଡିଚା ଦିନ ମଧ୍ୟ କେନ୍ଦୁଲି ଶାଢ଼ୀ, କେନ୍ଦୁଲି ଖଣ୍ଡୁଆ, କେନ୍ଦୁଲି ଫେଟା ଠାକୁରମାନଙ୍କୁ ଲାଗି ହୋଇଥାଏ ।

୩. ପ୍ର - ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ 'କେୟୁର' ଅର୍ଥ କ'ଣ ?
ଉ - ବାହୁ ଅଳଙ୍କାର ବିଶେଷ । ଏହା ହେଉଛି ଶ୍ରୀଜୀଉଙ୍କର ଏକ ସ୍ୱର୍ଣ୍ଣ ଅଳଙ୍କାର ।

୪. ପ୍ର - ଶ୍ରୀମନ୍ଦିରରେ 'କେଳି'ର ବ୍ୟବହାରିକତା କ'ଣ ?
ଉ - ଏହା ଏକ ପ୍ରକାର ପିଠା । ଅଟାରେ ଛେନା ମିଶା ଯାଇ ଗୋଲାକୃତି ଆକାରରେ ଘିଅରେ ଛଣା ଯିବା ପରେ ଗୁଡ଼ ପାଗରେ ପ୍ରସ୍ତୁତ ହୋଇଥିବା ପିଠା । କୋଠ ଭୋଗରେ ଏହା ମହାପ୍ରଭୁଙ୍କୁ ଲାଗି ହୁଏ ।

୫. ପ୍ର - ଶ୍ରୀମନ୍ଦିରରେ 'କୋଇଲି ବୈକୁଣ୍ଠ' କ'ଣ ଗୁରୁତ୍ୱ ବହନ କରିଥାଏ?
ଉ - ଶ୍ରୀମନ୍ଦିରର ଉତ୍ତର ଦ୍ୱାର ପଟକୁ ବାହାର ବେଢ଼ା ମଧ୍ୟରେ ଥିବା ବୃକ୍ଷ ଗୁଳ୍ମାଦି ପୂର୍ଣ୍ଣ ଗୁପ୍ତ ସ୍ଥାନ । ଏଠାରେ ନବକଳେବର ସମୟରେ ଜୀର୍ଣ୍ଣ ଦେବ ବିଗ୍ରହମାନଙ୍କର ସମାଧି କରାଯାଏ । ଏହା ସମ୍ଭବତଃ କୈବଲ୍ୟ ବୈକୁଣ୍ଠ ଅର୍ଥାତ୍ ମର୍ତ୍ତ୍ୟ ବୈକୁଣ୍ଠ ।

୬. ପ୍ର - ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ 'କୋଡ଼ ପାହାଡ଼ା' କହିଲେ କ'ଣ ବୁଝାଯାଏ
ଉ - ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଏହା ଏକ ଶୀତକାଳୀନ ବସ୍ତ୍ର । ଶୀତକାଳୀନ ନୀତିରେ ମହାପ୍ରଭୁଙ୍କର ପାଦତଳୁ ରତ୍ନ ପଲଙ୍କ ପର୍ଯ୍ୟନ୍ତ ପ୍ରସାରିତ ଶୀତବସ୍ତ୍ର ।

● ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର

*ଯୁଗେ ଯୁଗେ ରଥଯାତ୍ରା ...*

## ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସମ୍ପର୍କିତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

### (୩) ୧୮୦୯ ମସିହା ପୁରୀ ରଥଯାତ୍ରା



ରେଭରେଣ୍ଡ ସ୍ମିଥ ଓ ରେଭରେଣ୍ଡ ଗ୍ରୀନ୍- ପିରିଓଡ଼ିକାଲ୍ ଏକାଉଣ୍ଟ ଅପ୍ ବିବାପଟିଷ୍ଟ ମିଶନ୍- ୧୮୦୯ ।

ସ୍ତ୍ରୀ, ପୁରୁଷ ଓ ପିଲା ମିଶି ସବୁ ଲୋକ ମନ୍ଦିର ସାମନାରେ ଭୀଡ଼ ଜମାଇଥିଲେ । ସେମାନେ ମନ୍ଦିର ଫାଟକ ଦିଗକୁ ଅଗ୍ରସର ହେବା ସମୟରେ ଦଳାଚକଟାରେ ପ୍ରାୟ ଦେଢ଼ଶହ ଲୋକଙ୍କର ମୃତ୍ୟୁ ଘଟିଥିଲା ।

(ଅନୁବାଦିତ)

### (୪) ୧୮୧୪ ମସିହା ପୁରୀ ରଥଯାତ୍ରା

ଏସିଆଟିକ୍ ଜର୍ନାଲ - ୨୫, ଜୁନ୍ ୧୮୧୪,
ଜନୈକ ପ୍ରତ୍ୟକ୍ଷ୍ୟଦର୍ଶୀଙ୍କ ଚିଠିରୁ ପ୍ରାପ୍ତ ।

ଜଣେ ସ୍ତ୍ରୀ ଲୋକ ନିଜକୁ ରଥ ଚକ ତଳେ ସମର୍ପଣ କରିବାର ଏକ ମର୍ମାନ୍ତିକ ଦୃଶ୍ୟ ଦେଖାଗଲା । ଆଉ ଜଣେ ସ୍ତ୍ରୀ ଲୋକ ତାଙ୍କ ଶରୀରକୁ ଝାସ ଦେବାରେ ବ୍ୟର୍ଥ ହୋଇଥିଲେ ଓ ତାଙ୍କର ହାତ ଦୁଇଟି ଭାଙ୍ଗି ଯାଇଥିଲା । ତିନିଜଣ ଲୋକ ଭୀଡ଼ ଭିତରେ ପ୍ରାଣ ହରାଇଥିଲେ ।

(ଅନୁବାଦିତ)

### (୫) ୧୮୧୭ ମସିହା ପୁରୀ ମନ୍ଦିର ସଂପର୍କୀତ ସଂବାଦ

୧୮୧୭ ମସିହା ମଇ ମାସ ୨୯ ତାରିଖରେ ମାଜିଷ୍ଟ୍ରେଟ୍ ଇମ୍ପୋ ସାହେବଙ୍କର ସରକାରଙ୍କୁ ଲେଖିଥିବା ଚିଠି-

ସମ୍ମାନନୀୟ ଆରକ୍‌ଡେକନ ଚତୁରତାର ସହିତ ଏହି କାହାଣୀ ସୃଷ୍ଟି କରିଛନ୍ତି । ୧୮୧୭ ମସିହା ଅପ୍ରେଲ ୧୨ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପୁରୀ ପାଇକ ବିଦ୍ରୋହୀମାନଙ୍କ ଦ୍ୱାରା କବଳିତ ହୋଇଥିଲା । କେତେକ ପଣ୍ଡା ସେମାନଙ୍କ ସହିତ ଯୋଗ ଦେଇଥିଲେ ଏବଂ ଖଜଣାଖାନାରୁ ଯାତ୍ରୀକର ବାବଦରେ ଗଚ୍ଛିତ ଅର୍ଥରୁ କିଛି ଅଂଶ ଅପହରଣ କରିଥିଲେ ।

କିନ୍ତୁ ୧୮୧୭ ମସିହା ରଥଯାତ୍ରା ପୂର୍ବରୁ ପୁରୀ ଜିଲ୍ଲାରେ ଏହି ପାଇକ ବିଦ୍ରୋହ ଦମନ କରାଯାଇଥିଲା ।

(ଅନୁବାଦିତ)

### (୬) ୧୮୨୧ ମସିହା ପୁରୀ ରଥଯାତ୍ରା

କଟକର ସମ୍ବାଦ ଦାତାଙ୍କ ଦ୍ୱାରା ଇଂଲଣ୍ଡ ସ୍ଥିତ ଏସିଆଟିକ ଜର୍ଣ୍ଣାଲ୍‌କୁ ପଠା ଯାଇଥିବା ବାର୍ତ୍ତା - ମାର୍ଚ୍ଚ ୧୮୨୨ ।

ରଥଯାତ୍ରା ବିଳମ୍ବରେ ହେବାରୁ ଦର୍ଶକଙ୍କ ସଂଖ୍ୟା ବହୁତ କମ୍ ଥିଲା, ମନ୍‌ସ୍ ଜାଗ୍ ସାହେବ ହତୋତ୍ସାହିତ ହୋଇ ପଡ଼ିଥିଲେ ଏବଂ ବ୍ରାହ୍ମଣ ପଣ୍ଡିତ ଗୋଷ୍ଠୀ ତାଙ୍କର ଧର୍ମ କର୍ମକୁ ନେଇ ଭାରତର ମଧ୍ୟଭାଗ (ମୋରାଦାବାଦ ନିକଟସ୍ଥ କୌଣସି ଏକ ସ୍ଥାନ) କୁ ଚାଲିଯିବେ ବୋଲି ଧମକ ଦେଇଥିଲେ ।

● (ଅନୁବାଦିତ)

*ଐତିହ୍ୟ ପୃଷ୍ଠାରୁ ...*

## ପାଣିକୋଇଲିର କୁରୂପ ଜାଣା

ଓଡ଼ିଆ ପରମ୍ପରା ଦୃଷ୍ଟିରୁ ନାଁଟି ଟିକେ ଅବାଗିଆ ଲାଗୁଛି । ପାରସୀ ଭାଷା ପ୍ରଭାବରେ ନାଁଟିକୁ ଗୁପ୍ତ ରଖିବାକୁ ବିକୃତ କରାଯାଇଛି । ଯାଜପୁର ଜିଲ୍ଲାର ପାଣିକୋଇଲି ଗ୍ରାମର କୁରୁପ ଜାଣାଙ୍କ ପ୍ରକୃତ ନାମ ଥିଲା କୃପାସିନ୍ଧୁ ଜେନା । ଲୋକେ 'କୁରୁପା' ଡାକୁ ଥିଲେ । ସେ ନିଜେ ନାଁ ଦେଲେ କୁରୁପ ଓ ସାଙ୍ଗିଆ କରିଦେଲେ ଜେନାକୁ ଜାଣା ।

ଭାରି ସାହସିଆ ଥିଲେ ଏହି ଖଣ୍ଡାୟତ ସର୍ଦ୍ଦାର । ଯାଙ୍କ ବିଷୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରକାଶିତ 'ସଂକ୍ଷିପ୍ତ ଓଡ଼ିଆ ଜ୍ଞାନକୋଶ'ର ୪ର୍ଥ ଖଣ୍ଡରେ ଥିବା 'ରାଧାଶ୍ୟାମ ନରେନ୍ଦ୍ର' ପ୍ରବନ୍ଧରୁ ଆମକୁ ସୁରାକ ମିଳେ ।

କୃପାସିନ୍ଧୁଙ୍କ ସାହସ ହିଁ ରକ୍ତ ପିପାସୁ ଧର୍ମାନ୍ଧ ଧନଲୋଭୀ ତକି ଖାଁଙ୍କର ଜୀବନକୁ ଦୟନୀୟ ଭାବରେ ଶେଷ କରି ଦେଇଥିଲା । ହିଜିର ସନ ୧୧୪୭ (୧୭୩୪-୧୭୩୫ ମସିହା)ର ଘଟଣା । ଚରିଥର ଖୋର୍ଦ୍ଧାଗଡ଼କୁ ଆକ୍ରମଣ ଏବଂ ଦୁଇଥର ଶ୍ରୀମନ୍ଦିର ଉପରେ ଆକ୍ରମଣ କରି ଅମାପ ଧନ-ଦରବ ଲୁଣ୍ଠନ କରିସାରିଥିଲା । ତକି ଖାଁ ବାଲିଅନ୍ତାଠାରୁ ବାଣପୁର ମଧ୍ୟରେ ବାଇଶିଟି ମୋଗଲ ଥାନା ବସେଇ ସାରିଥିଲା । ଅସହ୍ୟ ହେଲା କୃପାସିନ୍ଧୁଙ୍କୁ ।

ଖଣ୍ଡାୟତ ସର୍ଦ୍ଦାର ନିଜ ନାମ ପରିବର୍ତ୍ତନ କରି କୁରୁପ ଜାଣା କରିବା ପରେ ଖୋର୍ଦ୍ଧାର ଦୁଇଜଣ ଖଣ୍ଡାୟତ ଯୁବକଙ୍କୁ ମୋଗଲ ଯୁବକ ବେଶରେ କଟକର ବାରବାଟୀ ଦୁର୍ଗକୁ ପଠାଇଥିଲେ । ସେମାନେ ତକି ଖାଁକୁ ଭେଟିଲେ । ତକି ଖାଁର ସେତେବେଳକୁ ଏକ ଚମକିବା ରୋଗ ଦେଖା ଦେଇଥିଲା । ଦୁହେଁ ତାଙ୍କ ପାଖରେ ଚାକିରୀ ପାଇଲେ । ସେମାନେ କାଫେର ହିନ୍ଦୁମାନଙ୍କର ବହୁ ଭୟଙ୍କର କାହାଣୀ କହି ତକି ଖାଁର ମନ ଭୁଲାଇବାକୁ ଚେଷ୍ଟା କଲେ । ବ୍ରହ୍ମ ରାକ୍ଷସ ଠାରୁ ଚିରୁଗୁଣି କଥା ସବୁ କହି ମାନସିକ ସ୍ତରରେ ଆଉରି ଦୁର୍ବଳ କରିଦେଲେ । ଚମକିବା ରୋଗ ବଢ଼ିଗଲା । ଅକଳ୍ପନୀୟ ବ୍ରହ୍ମ ରାକ୍ଷସ ସତେ ଯେମିତି ତାକୁ ଗୋଡ଼ାଇଲା..... ।



ଶେଷରେ ଜଣେ ବୁଢ଼ା ଫକୀରଙ୍କୁ ଚିକିତ୍ସା କରିବାକୁ ଯୋଗାଡ଼ କରିଦେଲେ, ମାତ୍ର ରାତିରେ ଯୁବକ ଦି'ଜଣ ପ୍ରଚୁର ମଦ ପିଇବାକୁ ଦେଇ ତାକୁ ତଣ୍ଟି ଚିପି ମାରିଦେଲେ । ଭୂତ...ଭୂତ... ବୋଲି ହେ-ହଲା କରି ଦୁର୍ଗରୁ ଖସିଗଲେ । ସେ ବୁଢ଼ା ଫକୀର ଥିଲେ ଗଜପତିଙ୍କ ରାଜଗୁରୁ ପଣ୍ଡିତ ପରମଲକ୍ଷ୍ମୀ ମହାପାତ୍ର । ଯୋଜନା ଯାଙ୍କରି ।

ଧରାପଡ଼ିଲେ ମୃତ୍ୟୁ ଦଣ୍ଡ, ଅଥଚ କୁରୁପଜାଣା ହିଁ ରାଜଗୁରୁଙ୍କ ଯୋଜନାକୁ ନେଇ ଆଣି ଥୋଇବାରେ ସଫଳ ହେଲେ । ଗୋଟାଏ ଜାତିକୁ ଶାନ୍ତିରେ ନିଃଶ୍ୱାସ ମାରିବାକୁ ସୁଯୋଗ ଦେଲେ । ପୁରସ୍କାର ଦେଲେ ଗଜପତି ତାଙ୍କୁ । କେନ୍ଦ୍ରାପଡ଼ାରେ ଜମିଦାରୀ ପାଇ ଖଣ୍ଡପାଳ ହୋଇ ରାଜତ୍ୱ କରିଥିଲେ । ତାଙ୍କରି ବଂଶରେ ଜନ୍ମ ନେଇଥିଲେ ରାଧାଶ୍ୟାମ ନରେନ୍ଦ୍ର ।

●*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଦୋଳମଣ୍ଡପ ସାହି, ହାବେଳୀ ଗଳି, ପୁରୀ-୧*

# ଭକ୍ତ ପାଇଁ ନନ୍ଦିଘୋଷ ଅଟକି ରହିଲା

ବହୁ ଦିନ ତଳେ ଶ୍ରୀକ୍ଷେତ୍ର ବାସିନ୍ଦା ଭକ୍ତ ସାଲବେଗ ବୃନ୍ଦାବନ ଯାଇଥିଲେ । ସେତେବେଳେ ସେ ପାଦଚଲା ରାସ୍ତାରେ ଚାଲି ଚାଲି ଯାଇଥିଲେ । ଫେରିବା ବେଳେ ମଧ ପାଦରେ ଚାଲି ଚାଲି ଫେରୁଥିଲେ । ଆଷାଢ଼ ମାସ । ବର୍ଷାଦିନ । ବର୍ଷା ତୋଫାନ ଯୋଗୁ ସେ ରଥଯାତ୍ରା ପୂର୍ବରୁ ଶ୍ରୀକ୍ଷେତ୍ରକୁ ଫେରିବା ସମ୍ଭବ ହୋଇପାରିଲା ନାହିଁ । ବରଷକରେ ରଥଯାତ୍ରା ସମୟରେ ସେ ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ମନ ପୂରାଇ ଦର୍ଶନ କରିଥାନ୍ତି । ଅନ୍ୟ ସମୟରେ ମନ୍ଦିର ଭିତରକୁ ଯିବା ପାଇଁ ତାଙ୍କୁ ମନା ଥିଲା । ବୃନ୍ଦାବନରୁ ଶ୍ରୀକ୍ଷେତ୍ର । ଦୀର୍ଘ ସାତଶହ ପଚାଶ କୋଶ ରାସ୍ତା । ରାସ୍ତା ମଝିରେ ଥାଇ ସାଲବେଗ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ । ଶ୍ରୀମନ୍ଦିରକୁ ବାହୁଡ଼ା ଯାତ୍ରା କରିବା ପୂର୍ବରୁ ସେ ଯେପରି ସାଲବେଗଙ୍କୁ ଦର୍ଶନ ଦେବେ । ଭକ୍ତର ପ୍ରାର୍ଥନା ମହାପ୍ରଭୁ ଶୁଣିଲେ । ବଡ଼ଦାଣ୍ଡରେ ନନ୍ଦିଘୋଷ ରଥ କୌଣସି କାରଣ ଯୋଗୁ ଅଟକି ରହିଲା । ଭକ୍ତ ସାଲବେଗ ବୃନ୍ଦାବନରୁ ଫେରିଆସି ମହାପ୍ରଭୁଙ୍କୁ ଦର୍ଶନ କରିସାରିବା ପରେ ମହାପ୍ରଭୁ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ । ଠିକ୍ ସେହିପରି ଆଉ ଗୋଟିଏ ଘଟଣା ଘଟିଥିଲା ୧୯୯୩ ମସିହାରେ । ଯାଜପୁର ଅଞ୍ଚଳର ଗୋଟିଏ ଗାଁର ମାଟିଏ, ପୁଅଟିଏ । ମା ମାନସିକ କରିଥିଲେ ତାଙ୍କ ପୁଅ ଯଦି ରୋଗରୁ ଭଲ ହୋଇଯାଏ, ତେବେ ଗାଁରୁ ଦଣ୍ଡବତ କରି କରି ପୁରୀ ଆସି ରଥ ଉପରେ ମହାପ୍ରଭୁଙ୍କୁ ରଥଯାତ୍ରା ସମୟରେ ଦର୍ଶନ କରିବ । ପୁଅ ରୋଗରୁ ଭଲ ହୋଇଗଲା । ମାଆ ପୁଅ ବିଚାର କଲେ ଦୁହେଁଯାକ ସାଥି ହୋଇ ପୁରୀ ଆସିବେ । ଦଣ୍ଡବତ କରି କରି ଦୀର୍ଘ ବାଟ ଆସିବା ବଡ଼ କଷ୍ଟକର ସାଧନା । ସିଧା ଠିଆ ହୋଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦୁଇହାତ ଯୋଡ଼ି ଦଣ୍ଡବତ ପ୍ରଣାମ କରିବ । ଅର୍ଥାତ୍ ଭୂମିରେ ସିଧା ଦଣ୍ଡ ବା ଠେଙ୍ଗାପରି ଶୋଇଯିବ । ପୁଣି ଉଠି ଠିଆହୋଇ ପ୍ରଣାମ କରି ଶୋଇବ । ଏହିପରି ଦଣ୍ଡବତ ସାଧନା ଏବେ ପୁରୀର ବଡ଼ଦାଣ୍ଡ ଏବଂ ମନ୍ଦିର ବେଢ଼ାରେ ଭକ୍ତମାନେ କରୁଥିବାର ଦେଖାଯାଏ । ପୁଅ ଦଣ୍ଡବତ କରି କରି ଚାଲିଛି । ସାଥିରେ ଗଣ୍ଠିଲି ପତ୍ର ଧରି ଚାଲିଛନ୍ତି ମା' । ଦିନଯାକ ଚାଲି ଚାଲି ଯେଉଁଠି ସନ୍ଧ୍ୟା ହେଉଛି ସେଇଠି ବିଶ୍ରାମ ନେଉଛନ୍ତି । ସେ ବର୍ଷ ଗୁଣ୍ଡିଚା ଯାତ୍ରାର ଠିକ୍ ପୂର୍ବଦିନ ସନ୍ଧ୍ୟାରେ ସେମାନେ ଆସି ପହଞ୍ଚିଲେ ଚନ୍ଦନପୁରଠାରେ । ସେଠାରେ ରାତିରେ ରହଣି କଲେ । ଦେଖଣାହାରୀମାନେ ପଚାରିଲେ ଏମିତି ଗଲେ ତୁମେ ଦୁହେଁ କ'ଣ ଆସନ୍ତାକାଲି ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବ ? କାନ୍ଦ କାନ୍ଦ ସ୍ୱରରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କରପତ୍ରଯୋଡ଼ି ମା କହିଲେ ସେଇ ଆଶାରେ ତ ବାହାରିଚୁ । ଠାକୁରେ ଯାହା କରିବେ ତାହା ତାଙ୍କର ଇଚ୍ଛା । ସକାଳେ ଦଣ୍ଡବତୀ ଯାତ୍ରା ଆରମ୍ଭ କଲେ ମା'ପୁଅ । ଏଣେ ମହାପ୍ରଭୁଙ୍କର ପହଣ୍ଡି ବିଜେ ବେଳେ ବିଳମ୍ବ ହେଲା । ମଝିରେ ମଝିରେ ବର୍ଷା ହେଉଥାଏ । ପ୍ରଥମେ ଶ୍ରୀସୁଦର୍ଶନ ଆସି ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ବିଜେ ହେଲେ । ବଡ଼ଠାକୁର ଶ୍ରୀବଳଭଦ୍ର ଭକ୍ତମାନଙ୍କ ଗହଣରେ ଟାହିଆ ହଲାଇ ପହଣ୍ଡି କରି ଆଟବାଟରେ ଆସି ଆପଣାର ତାଳଧ୍ୱଜ ରଥରେ ବିଜେ ହେଲେ । ପଛେ ପଛେ ମା' ସୁଭଦ୍ରା ଦଇତାପତିଙ୍କ କାନ୍ଧରେ ଆସି ଦେବ ଦଳନ ରଥରେ ବସିଲେ । ଶେଷରେ ଭକ୍ତଗଣଙ୍କ ସହ ଗହଳି ଲଗାଇ ଧୀର ମନ୍ଥର ଗତିରେ ପହଣ୍ଡିକୁ ବିଜେ ହେଲେ ଶ୍ରୀଜଗନ୍ନାଥ ମହାପ୍ରଭୁ ।



ତୁହାକୁ ତୁହା ବର୍ଷା ହେଉଛି । ବଡ଼ଦାଣ୍ଡ ପାଣି କାଦୁଅରେ ପୂର୍ଣ୍ଣ । ମହାପ୍ରଭୁ ନନ୍ଦିଘୋଷ ରଥରେ ବିଜେ ହେଲା ବେଳକୁ ବେଳ ରତ ରତ ହେଉଛି । ଚାରମାଳ ଦେଇ ରଥ ସିଂହାସନରେ ବସିବା ପରେ ରାମକୃଷ୍ଣ, ମଦନମୋହନ ବିଜେ । ଗଜପତି ମହାରାଜାଙ୍କ ଛେରା ପହଁରା ନୀତି । ତା'ପରେ ଚାରମାଳ ଫିଟା । ରଥ ଅଶ୍ୱ ଯୋଚା ସରିବା ପରେ ଡାହୁକ ଡାକଦେଲା ବେଳକୁ ସୂର୍ଯ୍ୟ ଦେବତା ମା' କୋଳରେ ଲୁଚିଗଲେ । ନିୟମ ଅନୁଯାୟୀ ସନ୍ଧ୍ୟା ପରେ ରଥଟଣା ହୋଇପାରିବ ନାହିଁ । ସେ ଦିନ ରଥଚକ ଗୋଟିଏ ପାଦ ଆଗକୁ ବଢ଼ି ପାରିଲା ନାହିଁ । ସେବକମାନେ ନିରାଶ ହେଲେ । ଭକ୍ତମାନେ ରଥ ନ ଗଡ଼ିବାରୁ ଏହାକୁ ଅଘଟଣ ମନେ କଲେ । ରଥ ଉପରେ ଦିଅଁମାନେ ସିଂହଦ୍ୱାର ଆଗରେ ରହିଲେ । ରାତିରେ ପ୍ରବଳ ବର୍ଷା ହେଲା । ରଥ ଉପରେ ସକାଳ ନୀତି ସାରି ରଥଟଣା ଆରମ୍ଭ ବେଳକୁ ଦେଖାଗଲା, ପାଣିକାଦୁଅ ଉପରେ ବଡ଼ଦାଣ୍ଡରେ ରଥ ଆଗରେ ଦଣ୍ଡବତ ହୋଇ ପଡ଼ିଛି ଜଣେ ବାଳକ ଭକ୍ତ । ପାଖରେ ଠିଆ ହୋଇଛନ୍ତି ତାଙ୍କ ମା' । ସେବକମାନେ ବୁଝିଗଲେ ଏଇ ବାଳକ ଦଣ୍ଡବତୀ ଭକ୍ତ ପାଇଁ ମହାପ୍ରଭୁ ଗତ କାଲି ରଥକୁ ସିଂହଦ୍ୱାରଠାରେ ଅଟକାଇ ରଖିଲେ । ଆଜି ତାକୁ ରଥ ଉପରେ ଦର୍ଶନ ଦେବେ ବୋଲି ଅପେକ୍ଷା କରିଛନ୍ତି । ସେମାନେ ଦଣ୍ଡବତୀ ବାଳକ ଭକ୍ତକୁ ତଳୁ ଉଠାଇ ନେଇ ନନ୍ଦିଘୋଷ ରଥ ଉପରେ ମହାପ୍ରଭୁଙ୍କ ସାମ୍ନାରେ ପହଞ୍ଚାଇ ଦେଲେ । ଲୁହ ଛଳ ଛଳ ଆଖିରେ ଭକ୍ତ ଚକାଆଖିକୁ ଚାହିଁ ରହିଥିଲା । ମହାପ୍ରଭୁଙ୍କ ରଙ୍ଗ ଅଧରରେ ଉକୁଟି ଉଠୁଥିଲା ଆଶୀର୍ବାଦ ଭରା ହସ । ହରିବୋଲ ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ ପୂରି ଉଠୁଥିଲା ।

● *ଶଂକର୍ଷଣ ମଂଗରାଜ (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

## ଅଗଷ୍ଟ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୪.୮.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ କାମଦା ବା ଚକ୍ରବୁଲା ଏକାଦଶୀ |
| ତା. ୮.୮.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା |
| ତା. ୧୭.୮.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ବାଢ଼ି ନୃସିଂହ ବିଜେ ଓ ଝୁଲଣ ଯାତ୍ରା ଆରମ୍ଭ |
| ତା. ୧୮.୮.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ପୁତ୍ରଦା ଏକାଦଶୀ |
| ତା. ୨୨.୮.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ ଓ ରକ୍ଷାବନ୍ଧନ |
| ତା. ୨୩.୮.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଶେଷ |
| ତା. ୨୭.୮.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ରାହୁରେଖା ଲାଗି |
| ତା. ୨୯.୮.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଗର୍ଭଦ୍ୟୋକ ବନ୍ଦାପନା, ଯେଉଟ ଭୋଗ |
| ତା. ୩୦.୮.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ |
| ତା. ୩୧.୮.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ନନ୍ଦୋତ୍ସବ |

*ସୌଜନ୍ୟ-* OMC | ODISHA NEW OPPORTUNITIES

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.shreejagannatha.in**

**Printed at : Rama Press, North Gate, Puri**

*ମୂଲ୍ୟ : ଦୁଇଟଙ୍କା ମାତ୍ର*